## ଦୁଇଟି କିଡ୍‌ନୀ ଖରାପ

# ରୋଗ ସହ ଆର୍ଥିକ ସମସ୍ୟାରେ ଯୁଝି ହେଉଛନ୍ତି କାଳନ୍ଦୀ

ଯଖପୁରା,୧୫ ।୧୧ (ସମିସ)



ଜୀବନ ବଡ଼ ବିଚିତ୍ର । ସମସ୍ତଙ୍କୁ କିଛି ନା କିଛି ସଂଘର୍ଷ କରି ବଞ୍ଚିବାକୁ ପଡ଼ିଥାଏ । ତାହା ଶରୀର ଉପରେ ନିର୍ଭର କରିଥାଏ । ଯଦି ଶରୀର ଗୁରୁତର ରୋଗରେ ପୀଡ଼ିତ ହୁଏ, ଏ କ୍ଷେତ୍ରରେ ବାଧହୋଇ ଜୀବନ ସଂଗ୍ରାମରେ ନିଜକୁ ହାର୍ ମାନିବାକୁ ପଡ଼ିଥାଏ । ମାତ୍ର ଜୀବନ ଆଉ ଅଳ୍ପ କିଛିଦିନ ଜାଣି ସୁଦ୍ଧା ଜୀବନ ସଂଗ୍ରାମରେ ହାର ମାନିନାହାନ୍ତି କାଳନ୍ଦୀ । ଏମିତି ଏକ ସାହସୀ ଓ ନିଜ ଉପରେ ଆତ୍ମବିଶ୍ୱାସ ରଖିଥିବା ବ୍ୟକ୍ତି ହେଉଛନ୍ତି ଦାନଗଦି ବ୍ଲକ୍ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ପଙ୍କପାଳ ଗ୍ରାମର କାଳନ୍ଦୀ ସ୍ୱାଇଁ ।

କାଳନ୍ଦୀ ସୁସ୍ଥ ଥିବାବେଳେ ତାଙ୍କ ପରିବାର ହସଖୁସିରେ ଚଳିଯାଉଥିଲା । ପରିବାର କହିଲେ ସ୍ତ୍ରୀ ସଂଯୁକ୍ତା ସ୍ୱାଇଁ (୪୨), ଦୁଇଝିଅ ଓ ଗୋଟିଏ ପୁଅ । ବଡ଼ଝିଅ ବିଷ୍ଣୁପ୍ରିୟା (୧୮), ସାନଝିଅ ହରପ୍ରିୟା (୧୬) ଓ ପୁଅ ପ୍ରୀତମ (୧୩)ଙ୍କୁ ନେଇ କାଳନ୍ଦୀଙ୍କ ପରିବାର ବହୁ ଖୁସିରେ ଥିଲେ । ଏହି ଖୁସି ବେଶୀଦିନ ରହିଲାନାହିଁ । ବିଧାତା ଦାଉ ସାଧିଲା ଏଇ ହସଖୁସିର ପରିବାର ଉପରେ । କାଳନ୍ଦୀ ପାଖରେ ଥିବା ଏକ କାରଖାନାରେ ଶ୍ରମିକ ଭାବେ କାମ କରି ପରିବାରକୁ ଚଳାଇ ଆସୁଥିଲେ । କାମ କରୁଥିବା ସମୟରେ ଅସୁସ୍ଥ ହୋଇପଡ଼ିଲେ । ମେଡିକାଲ ଯାଇ ପରୀକ୍ଷା କରାଇବା ପରେ ତାଙ୍କର ଦୁଇଟି ଯାକ କିଡ୍‌ନୀ ଖରାପ ହୋଇଯାଇଥିବା ଡାକ୍ତର ଜଣାଇଥିଲେ । ଆଜକୁ ୪ ବର୍ଷ ହେବ କିଡ୍‌ନୀ ଦୁଇଟି ଖରାପ ହୋଇଯାଇଥିବାରୁ ତାଙ୍କ ପକ୍ଷେ କାରଖାନାରେ କାମ କରିବା ସମ୍ଭବପର ହେଉନାହିଁ । ପ୍ରତି ସପ୍ତାହରେ ଅତି କମ୍‌ରେ ୪ରୁ ୫ଥର ଡାଇଲେସିସ କରାଇବାକୁ ପଡୁଛି । ପ୍ରଥମେ ଭୁବନେଶ୍ୱର ଯାଇ ଡାଇଲେସିସ କରାଇବାକୁ ଯିବାକୁ ପଡୁଥିଲା । ଏଥିପାଇଁ ବହୁ ଅର୍ଥ ବ୍ୟୟ କରି ସାରିଛନ୍ତି କାଳନ୍ଦୀ । ଏବେ କିଛି ମାସ ହେବ ଭୁବନେଶ୍ୱର ନ ଯାଇ କଳିଙ୍ଗନଗରରେ ଥିବା ଟାଟା ମେଡିକା ହସ୍‌ପିଟାଲରେ ଡାଇଲେସିସ କରାଉଛନ୍ତି । ସବୁ ଜାଣି କାରଖାନା କର୍ତ୍ତୃପକ୍ଷ ତାଙ୍କୁ ନିୟୋଜିତ କରିଛନ୍ତି । ଫଳରେ ଡାଇଲେସିସ ପାଇଁ ଇଏସ୍‌ଆଇ କାର୍ଡ ମାଧ୍ୟମରେ କରାଇ ପାରୁଛନ୍ତି । କାରଖାନାରୁ ୭ରୁ ୮ ହଜାର ପାଉଥିବାବେଳେ ତାହା କେବଳ ଔଷଧ ଓ ଯାତାୟାତରେ ଖର୍ଚ୍ଚରେ ଯାଉଛି । ପାଞ୍ଚ ପ୍ରାଣୀ କୁଟୁମ୍ବର ଭରଣପୋଷଣ କରିବା କାଳନ୍ଦୀଙ୍କ ପକ୍ଷେ ସମ୍ଭବପର ନୁହେଁ । ତିନୋଟି ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସହ ଘର ଖର୍ଚ୍ଚ କରିବା କାଳନ୍ଦୀଙ୍କ ପକ୍ଷେ ଅସମ୍ଭବ ହୋଇପଡୁଛି । କାଳନ୍ଦୀଙ୍କ ଶରୀର ଧିରେ ଧିରେ ଦୁର୍ବଳ ହୋଇଯିବାରୁ ସେ ଚାଲବୁଲ କରିବାକୁ ସକ୍ଷମ ହୋଇପାରୁନାହାନ୍ତି । ତଥାପି କାହା ଉପରେ ନିର୍ଭର ନ କରି ଘରର ସମସ୍ତ କାର୍ଯ୍ୟ କରୁଛନ୍ତି । କାଳନ୍ଦୀଙ୍କୁ ଦେଖିଲେ ବିଶ୍ୱାସ କରିପାରିବନାହିଁ ତାଙ୍କର ଦୁଇଟି କିଡ୍‌ନୀ ଖରାପ ଅଛି । ଆଲମିକ ନାମକ ସଂସ୍ଥା ଦ୍ୱାରା କାଳନ୍ଦୀଙ୍କୁ ଏକ ବ୍ୟାଟେରିଚାଳିତ ତିନିଚକିଆ ଗାଡ଼ି ଯୋଗାଇ ଦିଆଯାଇଛି । ଗାଡ଼ି ମିଳିବା ଦ୍ୱାରା କାଳନ୍ଦୀ ତାଙ୍କର ସବୁ କାମ ନିଜେ କରିପାରୁଛନ୍ତି । ଏହି ବ୍ୟାଟେରିଚାଳିତ ଗାଡ଼ି ପାଇଁ ତାକୁ ପ୍ରତିଦିନ ଇଲେକ୍ଟ୍ରି ଚାର୍ଜ କରିବାକୁ ପଡୁଛି । ଫଳରେ ତାଙ୍କର ଇଲେକ୍ଟ୍ରି ବିଲ୍ ୭୦୦ରୁ ୮୦୦ ଟଙ୍କା ଆସୁଛି । ତାହା ଭରଣା କରିବା ତାଙ୍କ ପକ୍ଷେ ସକ୍ଷମ ନୁହେଁ ବୋଲି ସେ ଦୁଃଖର ସହ କହିଛନ୍ତି । ବୋଝ ଉପରେ ଲଳିତା ବିଡା ହୋଇଛି ଇଲେକ୍ଟ୍ରି ବିଲ୍ । ଇଲେକ୍ଟ୍ରି ବିଲ୍ ଛାଡ଼ କରିବା ସହ ପିଲାଙ୍କ ପଢିବା ଖର୍ଚ୍ଚ ଛାଡ଼ କରାଯିବାକୁ କାଳନ୍ଦୀ ନିବେଦନ କରିଛନ୍ତି ।

## ଗ୍ରୀନ୍‌ଲ୍ୟାଣ୍ଡ ସ୍କୁଲରେ ଶିଶୁ ଦିବସ




କୟାଁଗୋଲା, ୧୫ ।୧୧(ସମିସ): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁରସ୍ଥ ଗ୍ରୀନଲ୍ୟାଣ୍ଡ ପବ୍ଲିକ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ସୁରଥ ଭୂୟାଁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏ ଅବସରରେ ମଙ୍ଗଳପୁର ଆକ୍ସିସ ବ୍ୟାଙ୍କ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ବ୍ୟାଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ବ୍ୟାଙ୍କ ପକ୍ଷରୁ ସତ୍ୟରଞ୍ଜନ ସାହୁ, ସନ୍ତୋଷ ମୁଦୁଲି, ପ୍ରୀତିରଞ୍ଜନ ବେହେରା, ଦୀପକ ବେହେରା ଯୋଗଦେଇଥିବାବେଳେ ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ସେହିପରି ବିରିପଟା ଉଚ୍ଚବିଦ୍ୟାଳୟ, ନାରୀଗାଁ ସରକାରୀ ଉଚ୍ଚବିଦ୍ୟାଳୟ, କୟାଁ ସରକାରୀ ଉଚ୍ଚବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଥିଲା ।

● ପୁଣି ମାତିଲେ ବାଲି ମାଫିଆ

## ଚକୁଆ ବାଲିଘାଟରୁ ହେଉଛି ବେଆଇନ ବାଲି ଚାଲାଣ



ଯଖପୁରା,୧୫।୧୧(ସମିସ): ଏବେ ମାଫିଆମାନେ ଅନ୍ୟ ଚୋରା କାରବାର ଛାଡ଼ି ନଦୀ ବାଲିକୁ ରୋଜଗାରର ମାଧ୍ୟମ କରିଛନ୍ତି । ବାଲି ଚୋରା ଚାଲାଣ କରି ମାଲେମାଲ ହେଉଛନ୍ତି । ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି । ପ୍ରଶାସନର ଦାୟିତ୍ୱହୀନତା ପାଇଁ ଦାନଗଦି ତହସିଲ ଅନ୍ତର୍ଗତ ମାନତୀରା ଆରଆଇ ସର୍କଲରେ ଥିବା ଚକୁଆ ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଛି । ଲଘୁ ଖଣିଜ ବିଭାଗ ଓ ଦାନଗଦି ତହସିଲ ମଧ୍ୟରେ ବୁଝାମଣା ଠିକ୍ ରହୁ ନ ଥିବାରୁ ବାଲି ମାଫିଆ ମନଇଚ୍ଛା ବାଲି ଲୁଟି ନେଉଛନ୍ତି । ବାରମ୍ବାର ଅଭିଯୋଗ ପରେ ଗତମାସ ୧ ତାରିଖ ଦିନ ଲଘୁ ଖଣିଜ ନିଗମ ଡିଡିଏମ ସମେତ ପ୍ରଦୂଷଣ ବୋର୍ଡର ଅଧିକାରୀ, ଜଳସମ୍ପଦ ବିଭାଗ, ଜଙ୍ଗଲ ବିଭାଗ, ମାଣତିରା ଆରଆଇ ଓ ଯଖପୁରା ପୁଲିସ ଚକୁଆ ଘାଟକୁ ଯାଇ ତଦାରଖ କରିଥିଲେ । ପରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଏବେ ଚକୁଆ ଘାଟରୁ ବାଲି ଚୋରା ଚାଲାଣ ହେଉଛି । ଚକୁଆ ଘାଟର ବାଲି ଅନ୍ୟ ଘାଟର ବାଲି ତୁଳନାରେ ଅଧିକ ଚାହିଦା ଥିବାରୁ ଏହା ଉପରେ ମାଫିଆଙ୍କ ନଜର ରହିଛି । ସୁରକ୍ଷା ଦେବାକୁ ସ୍ଥାନୀୟ କିଛି ଅସାମାଜିକ ବ୍ୟକ୍ତିଙ୍କୁ ଏଥିରେ ନିୟୋଜିତ କରାଯାଇଛି । ପ୍ରତି ଗାଡ଼ି ପିଛା ୪୦୦ରୁ ୫୦୦ ଟଙ୍କା ନେଉଥିବାରୁ ପ୍ରତିଦିନ ଏ ବାବଦରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଉଛି । ସରକାର ରାଜସ୍ୱ ହରାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ଜିଲ୍ଲାପାଳ ଓ ଖଣି ବିଭାଗ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

## ଗୋପୀନାଥଜୀଉଙ୍କ ପୀଠରେ ରାହାସ ଉତ୍ସବ



ମଙ୍ଗଳପୁର, ୧୫।୧୧(ସମିସ)

ଦଶରଥପୁର ବ୍ଲକ୍ ଦତ୍ତପୁର ପଞ୍ଚାୟତସ୍ଥ ଦତ୍ତପୁରର ଶ୍ରୀଶ୍ରୀ ଗୋପୀନାଥଜୀଉଙ୍କ ପୀଠରେ ରାହାସ ଉତ୍ସବ ଆୟୋଜିତଳ ହୋଇଯାଇଛି । ଏ ଉପଲକ୍ଷେ କବିତା ଆସର ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅହିୟାସ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଗାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଚିକିତ୍ସକ ହରେକୃଷ୍ଣ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ବାବାମଣି ମହାବିଦ୍ୟାଳୟର ପ୍ରାଧ୍ୟାପକ ନିକୁଞ୍ଜ କିଶୋର ଜେନା, ଅବସରପ୍ରାପ୍ତ ଶିକ୍ଷକ ସାଧୁଚରଣ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଫେସର ଦାମୋଦର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଜଗନ୍ନାଥଙ୍କ ପରମ ଭକ୍ତ ବନ୍ଧୁ ମହାନ୍ତିଙ୍କ ଉପରେ କବିତା ପାଠ କରିଥିଲେ । ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଗରିବ ବନ୍ଧୁ ଉଚ୍ଚବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ସୁଶାସନ ପାଇଁ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କୃତ ପୁଲିସ ଅଧିକାରୀ କାଶୀନାଥ ମହାନ୍ତି, ସେବା କ୍ଷେତ୍ରରେ ନିଜକୁ ସମର୍ମଣ କରିଥିବା ବରିଷ୍ଠ ଚିକିତ୍ସକ ଡକ୍ଟର ହରେକୃଷ୍ଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଚାନ୍ଦବାଲି ମହାବିଦ୍ୟାଳୟର ଅଧ୍ୟାପକ ଅମିତାଭ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଭିଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଦିଲ୍ଲୀପ କୁମାର ମହାନ୍ତି ସଭାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିବାବେଳେ ରତିକାନ୍ତ ଧଳ ମାନପତ୍ର ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବନ୍ଧୁ ମହାନ୍ତି ଉନ୍ନୟନ କମିଟିର ବରିଷ୍ଠ ସଭ୍ୟ ଗଦାଧର ନାୟକ, ଦତ୍ତପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ପରିଡା, ଅଭିଜିତ ମହାନ୍ତି, ରଞ୍ଜନ କୁଅଁର, ଭାବଗ୍ରାହୀ ଦାସ, ରଶ୍ମିକାନ୍ତ ବଳ, ବିଶ୍ୱନାରାୟଣ ଦାସ, ଆଦିତ୍ୟ ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ବରୁଣେଶ୍ୱର ପୀଠରେ ବୋଇତ ବନ୍ଦାଣ

ବିଂଝାରପୁର, ୧୫ ।୧୧(ସମିସ): ପବିତ୍ର କାର୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଖିଳ ଚକ୍ର ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବୋଇତ ବନ୍ଦାଣ ଉତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବରୁଣେଶ୍ୱର ସନ୍ନିକଟରେ ପ୍ରବାହିତ କୁଶଭଦ୍ରା ନଦୀରେ ଅଖିଳଚକ୍ରର ସଦସ୍ୟ, କର୍ମକର୍ତ୍ତା ଓ ବହୁ ଜନସାଧାରଣଙ୍କ ଗହଣରେ ବୋଇତ ଭସାଣ ହୋଇଥିଲା । ମନ୍ଦିରର ପୂଜକ ପୂଜାପାଠ ସହ ବେଦ ମନ୍ତ୍ର ଉଚ୍ଚାରଣ କରିଥିଲେ । ମନ୍ଦିର ପରିସରରେ ଆଲୋଚନାଚକ୍ର ବରିଷ୍ଠ ସଂଗଠକ ଗୌରାଙ୍ଗ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରତିଷ୍ଠାତା ସମ୍ପାଦକ ହରେକୃଷ୍ଣ ପଣ୍ଡା କହିଲେ, ଅତୀତର ସାଧବ ଓ ନୌବାଣିଜ୍ୟ ଓଡିଆ ଜାତିର ଅସ୍ମିତା । ମୁଖ୍ୟଅତିଥି ଭାବେ ବିଦ୍ୟୁତ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପାର୍ଥସାରଥୀ ଦାସ ଯୋଗଦେଇ ଅଖିଳଚକ୍ର ଅନୁଷ୍ଠାନ ଅତୀତର ହଜିଲା ଗୌରବକୁ ଉଜ୍ଜୀବିତ କରି ରଖିଥିବାରୁ ସେ ପ୍ରଶଂସା କରିଥିଲେ । ସଂଗଠନ ପକ୍ଷରୁ ପୀତାମ୍ବର ସ୍ୱାଇଁ, କବି ଜିତେନ୍ଦ୍ର ବେହେରା, ଶିକ୍ଷାବିତ ଅକ୍ଷୟ ଦାସ, ବିଶ୍ୱନାଥ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଜେନା, ସଙ୍ଗୀତା ପ୍ରିୟଦର୍ଶିନୀ, ବିଦ୍ୟାସାଗର ବେହେରା, ପ୍ରଧାନଶିକ୍ଷକ ରମେଶ ନାଥ, ଆରାଧନା ଜେନା ଯୋଗଦେଇ ଉତ୍କଳର ନୌବାଣିଜ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଉତ୍ସବ ଆୟୋଜନରେ ରବୀନ୍ଦ୍ର କୁମାର ପରିଡା, ଜିତେନ୍ଦ୍ର ପ୍ରଧାନ, ଶ୍ରୀକାନ୍ତ ପଣ୍ଡା ଓ ବରୁଣେଶ୍ୱର କଲେଜର ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।



## ଖରସ୍ରୋତାରେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବିଞ୍ଝାରପୁର,୧୫ ।୧୧(ସମିସ): ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ଥିବା ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଦେୱାନ ସାହିର ଜଗନ ସାହୁ (୩୫)ଙ୍କ ମୃତଦେହ ଆଜି ପୁଲିସ ଉଦ୍ଧାର କରିଛି । ବିଜ୍ଞାନ ସାହୁଙ୍କ ପୁଅ ଜଗନ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଘର ନିକଟସ୍ଥ ଖରସ୍ରୋତା ନଦୀକୁ ଶୌଚ ହେବାକୁ ଯାଇ ନିଖୋଜ ହୋଇଯାଇଥିଲେ । ଚାରିଦିନ ପରେ ଜଗନଙ୍କ ମୃତଦେହ କେନ୍ଦ୍ରାପଡ଼ା ଜିଲ୍ଲା ଗୋବିନ୍ଦପୁରସ୍ଥ ଖରସ୍ରୋତା ପୋହ୍ଲ ନିକଟରୁ ଆଜି ପୁଲିସ ଶୁକ୍ରବାର ଉଦ୍ଧାର କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ଚିକିତ୍ସାକେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି ।

## କେରୁଣା ଗାଁରେ ଡେଙ୍ଗୁ ଆତଙ୍କ

କୟାଁଗୋଲା,୧୫ ।୧୧(ସମିସ): ଦଶରଥପୁର ବ୍ଲକ୍ ଅଧୀନ ଅସନପୁର ପଞ୍ଚାୟତସ୍ଥ କେରୁଣା ଗ୍ରାମରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି । ସନ୍ୟାସୀ ସାହୁ ସାତଦିନ ଧରି ଜ୍ୱର ନ କମିବାରୁ ପରୀକ୍ଷା ପରେ ଡେଙ୍ଗୁ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା । ସନ୍ୟାସୀଙ୍କ ଦେହ ଅଧିକ ଖରାପ ହେବାରୁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି । ସେହିପରି କାମିନୀ ମହାପାତ୍ରଙ୍କୁ ଜ୍ୱର ହେବାରୁ ରକ୍ତ ପରୀକ୍ଷାରେ ଡେଙ୍ଗୁ ହେଇଥିବାର ସୂଚନା ମିଳିଛି । ଫଳରେ କେରୁଣା ଗାଁରେ ଏବେ ଡେଙ୍ଗୁ ଆତଙ୍କ ସୃଷ୍ଟି ହୋଇଛି । ତୁରନ୍ତ ମେଡିକାଲ ଟିମ୍ ଗ୍ରାମ ଲୋକଙ୍କ ରକ୍ତ ପରୀକ୍ଷା କରିବାକୁ ଦାବି ହେଉଛି । ଗାଁ ପାଖ ଦେଇଯାଇଥିବା ନାଳ ଦଳ, ଚିଙ୍ଗୁଡ଼ିଆ ଗଛରେ ଭର୍ତ୍ତି ହୋଇଛି । ଠିକ୍ ଭାବେ ସଫା ହୋଇ ହେଉ ନ ଥିବାରୁ ଗାଁରେ ଡେଙ୍ଗୁ ବ୍ୟାପିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ପୂର୍ବତନ ଉପାଧ୍ୟକ୍ଷଙ୍କ ସ୍ମୃତିସଭା



ବରୀ,୧୫।୧୧(ସମିସ): ବରୀ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପଞ୍ଚାନନ ଜେନାଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ବେଉରିଆ, ବରୀ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲ୍ଲୀପ ମହାନ୍ତି, ସନ୍ତୋଷ ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଆରତୀ ଦେଓ, ନୀଳମଣି ସାମଲ, କର୍ଣ୍ଣଚନ୍ଦ୍ର ଘଡାଇ, ସୁରମୋହନ ମହାପାତ୍ର, ବିପିନ ବିହାରୀ ଦାସ, ଈଶ୍ୱର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

## ବିରଜାପୁରରେ ଶିଶୁ ଦିବସ ପାଳିତ



ଦଶରଥପୁର,୧୫।୧୧(ସମିସ): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ, ହାଇସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର ସମେତ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ବିରଜାପୁର ଗ୍ରାମସ୍ଥ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଦଶରଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ସରପଞ୍ଚ ନିରାକାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିଶୁ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ ।

## ରାଧାଗୋବିନ୍ଦ ମନ୍ଦିରରେ ରାହାସ ପୂର୍ଣ୍ଣିମା ମହୋତ୍ସବ

ସିଂହପୁର, ୧୫ ।୧୧(ସମିସ): ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ରାଧାଗୋବିନ୍ଦ ମନ୍ଦିର ବଡ଼ଠାକୁର ବାଡ଼ିରେ ରାହାସ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଧୂମଧାମରେ ପାଳନ କରାଯାଉଛି । ଠାକୁରଙ୍କ ପୂଜା ରୀତିନୀତି ଅନୁଯାୟୀ କରାଯାଉଛି । ୯ ଦିନ ଧରି ଭାଗବତ ପାଠ ଚାଲିଛି । ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି ।


## କଂଗ୍ରେସ ପକ୍ଷରୁ ନେହରୁଙ୍କ ଜୟନ୍ତୀ ପାଳିତ

ଯାଜପୁର,୧୫।୧୧(ସମିସ): ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୧୩୬ତମ ଜୟନ୍ତୀ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପଣ୍ଡିତ ନେହରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଏ ଉପଲକ୍ଷେ ଆୟୋଜିତ ସଭାରେ ଦେଶ ବିଭାଜନ ସମୟରେ ଭାରତବର୍ଷରେ ଯେଉଁ ସାଂପ୍ରଦାୟିକ ଦଙ୍ଗା ଓ ବିଦ୍ୱେଷ ନିଆଁ ଜଳି ଉଠିଥିଲା, ତାକୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନେହରୁ ପ୍ରଶମିତ କରାଇପାରିଥିଲେ । ତାଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତର ସାର୍ବଭୌମତ୍ୱ, ଧର୍ମ ନିରପେକ୍ଷତା, ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା, ଅର୍ଥନୈତିକ ଅଭିବୃଦ୍ଧି, ପଡ଼ୋଶୀ ରାଷ୍ଟ୍ରଙ୍କ ସହ କୂଟନୈତିକ ସମ୍ପର୍କ, ବହିଃବାଣିଜ୍ୟ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି, ଗମନାଗମନ ନିମନ୍ତେ ଜାତୀୟ ରାଜପଥ, ବନ୍ଦର ଓ ଶିଳ୍ପର ବିକାଶ ନିମନ୍ତେ ନୂତନ ଇସ୍ପାତ କାରଖାନା ନିର୍ମାଣ କରାଇବା ସହିତ ଦେଶର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଯୁଗର ଆରମ୍ଭ କରିଥିଲେ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ । କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ଦିଗମ୍ବର କର, ସନ୍ତୋଷ କୁମାର ନନ୍ଦ, ପୂର୍ଣ୍ଣଚନ୍ଦ୍ର ଜେନା, ଦୁର୍ଯ୍ୟୋଧନ ବେହେରା, ମହମ୍ମଦ ଅବଦୁଲ ରଫ, ଆଲୋକ ବେହେରା, ମାନସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଦିବସ

ଯାଜପୁର,୧୫।୧୧(ସମିସ): ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଜମଧର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରାଧିକରଣ ସଚିବ ଶ୍ରୀମତୀ ଜ୍ୟୋତିର୍ମୟୀଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଅତିଥି ଭାବେ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡଃ ରୁଦ୍ରନାରାୟଣ ପୃଷ୍ଟି, ଡିଏସ୍‌ପି ସବିତା ମାଝି, ଡିସିପିଓ ନିରଞ୍ଜନ କର ପ୍ରମୁଖ ଯୋଗଦେଇ ଶିଶୁ ଦିବସର ମହତ୍ୱ, ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କ ସହ ଶିଶୁ ଦିବସର ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ । ଶିଶୁ ଅମୃତ ସନ୍ତାନ । ପରିବାର, ସମାଜ ଓ ରାଷ୍ଟ୍ରର ଭବିଷ୍ୟତ । ନିର୍ଭରଯୋଗ୍ୟ ଭରସା କହିଲେ ଶିଶୁଙ୍କୁ ହିଁ ବୁଝାଏ ବୋଲି ମତ ପ୍ରକାଶ ପାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଦେବସ୍ମିତା ରଣା ପ୍ରଥମ, ଶୁଭସ୍ମିତା ସେଠୀ ଦ୍ୱିତୀୟ, ବେବୀ ରଣା ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରଧାନଶିକ୍ଷକ ଗୋଲକ ଚରଣ ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରାଧିକରଣର କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱର୍ଣ୍ଣ ବିଜୟିନୀ ଦୀପ୍ତିମୟୀ ସମ୍ବର୍ଦ୍ଧିତ



ବରୀ,୧୫।୧୧(ସମିସ): ଜବାହାରଲାଲ ନେହରୁଙ୍କ ଜନ୍ମ ଦିବସକୁ ସାରା ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଇଛି । ଏ ପରିପ୍ରେକ୍ଷୀରେ ବରୀ ବ୍ଲକ୍ ଅନ୍ତର୍ଗତ ରତ୍ନଗିରି ପଞ୍ଚାୟତରେ ଥିବା ଅଲିଆବାଦ ଉଚ୍ଚବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଛି । ଅଲିଆବାଦ ଗ୍ରାମର ଦୀପ୍ତିମୟୀ ଦାସ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ବରୀ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା କେନ୍ଦୁଝର ଷ୍ଟାଡିୟମରେ ଆୟୋଜିତ ହୋଇଥଲା । ୧୦୦ ମିଟର ଓ ୧୦୦ ମିଟର ହର୍ଡଲ୍ସରେ କୃତିତ୍ୱ ହାସଲ କରିଥିବା ଦୀପ୍ତିମୟୀଙ୍କୁ ଅଲିଆବାଦ୍ ଉଚ୍ଚବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷକ ଗୁଣନିଧି ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ଶଙ୍କର୍ଷଣ ସାହୁ, ସେକ୍ ଜାଭିରଉଦ୍ଦିନ, ପ୍ରାକ୍ତନ ସରପଞ୍ଚ ବାବାଜୀ ଚରଣ ଦାଶ, ସମାଜସେବୀ କବିର ଦାସ, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ବଡ଼ଚଣା ମିନି ମାରାଥନ୍

# ଓମ୍ ପ୍ରକାଶ ପ୍ରଥମ, ଖଗେଶ୍ୱର ଦ୍ୱିତୀୟ ଓ ତପନ ତୃତୀୟ

ବଡ଼ଚଣା, ୧୫ ।୧୧(ସମିସ)



ବଡ଼ଚଣା କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ମୋ' ବଡ଼ଚଣା ପକ୍ଷରୁ ମିନି ମାରାଥନ୍ ଆୟୋଜିତ ହୋଇଛି । ବଡ଼ଚଣା ମାଝୀ ଗୌରୀ ମନ୍ଦିରଠାରୁ ଚଣ୍ଡିଖୋଲ ଛକ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଏହି ମିନି ମାରାଥନ ଅନୁଷ୍ଠିତ ହୋଇଥିଲା । ମାରାଥନକୁ ବଡ଼ଚଣା କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷା ମନୋରମା ଆଚାର୍ଯ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଚଣ୍ଡିଖୋଲ ଛକ ତାରିଣୀ ମନ୍ଦିର ନିକଟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମନୋରମା ଆଚାର୍ଯ୍ୟଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାର ପ୍ରାକ୍ତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟକୁମାର ଶତପଥୀ ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ଅଂଶ । ଏହା ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଜ୍ଞାନ ବୃଦ୍ଧି କରିବା ସହିତ ଶୃଙ୍ଖଳା ଜ୍ଞାନ ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ନାଗରିକ ଅଜୟ ଜେନା ଗ୍ରାମାଞ୍ଚଳରେ ଥିବା କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣି ସେମାନଙ୍କ ପ୍ରତିଭାକୁ ବିକଶିତ କରିବାରେ ଏହି ପ୍ରତିଯୋଗିତା ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଜିତ ମିଶ୍ର, ଦେବରଜ୍ ବେହେରା, ଗଙ୍ଗାଧର ନାୟକ, ନାରାୟନ ରାଉତ, ବୈକୁଣ୍ଠ ନାଥ ବରାଳ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରତିଯୋଗିତାରେ ଓମ୍‌ପ୍ରକାଶ ସେଠୀ ପ୍ରଥମ, ଖଗେଶ୍ୱର ବେହେରା ଦ୍ୱିତୀୟ ଓ ତପନ ହେମ୍ବ୍ରମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜେତାଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହିତ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଏଥିସହିତ ସାତ ଜଣଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଅବସରପ୍ରାପ୍ତ ସୈନିକ ଧୂଳେଶ୍ୱର ଦାସ, ଶ୍ରୀବତ୍ସ ବିଶ୍ୱାଳ, ଅନନ୍ତ ସାମଲ, ପାବନେଶ୍ୱର ଜେନା, ରଞ୍ଜନ ସିଂହ, ଦିବ୍ୟଲୋଚନ ଜେନା, ସଚିତ୍ର ମାହାଲା, କଳ୍ପତରୁ ରାଉତ, ପ୍ରଭାସ ଜେନା ପ୍ରମୁଖ ମାରାଥନ ପରିଚାଳନାରେ ସହଯୋଗ କରିଥିଲେ । ତପନ ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଦୀପ ଧଳ ସଭା ପରିଚାଳନା କରିଥିଲେ ।





# ଆ-କା-ମା-ବୈ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟ ଜନସମୁଦ୍ର




ଯାଜପୁର, ୧୫।୧୧(ସମିସ)

ଆଜି ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭୋରୁ ବିଭିନ୍ନ ଜଳାଶୟରେ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ଓଡ଼ିଆଙ୍କ ଗୌରବମୟ ନୌବାଣିଜ୍ୟ ପରମ୍ପରାକୁ ମନେ ରଖିବା ଉଦ୍ଦେଶ୍ୟରେ ପାଳିତ ହେଉଥିବା ଏହି ବୋଇତ ବନ୍ଦାଣ ପାଇଁ ଘରେ ଘରେ ଉତ୍ସାହ ଦେଖିବାକୁ ମିଳିଥିଲା। ଯାଜପୁର ଜିଲ୍ଲାର ଗଳିକନ୍ଦୀରେ ଆବାଳ ବୃଦ୍ଧବନିତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିଲା। ପବିତ୍ର ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ବୋଇତ ବନ୍ଦାଣ ପାଇଁ ପ୍ରବଳ ଜନସମାବେଶ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ପାରମ୍ପରିକ ରୀତିନୀତି ଅନୁଯାୟୀ ବୋଇତ ବନ୍ଦାଣ କରିବା ପରେ ପାଖରେ ଥିବା ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବାଦେବୀ ପୀଠରେ ଦର୍ଶନ କରିଥିଲେ। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନକୁ ବେଶ କିଛି ସମୟ ପରିଶ୍ରମ କରିବାକୁ ପଡ଼ିଥିଲା।

ସେହିପରି ଗୀତା ଜାଗରଣ ପରିଷଦ ପକ୍ଷରୁ ଏଠାରେ ବୋଇତ ବନ୍ଦାଣ ଓ ସମ୍ବର୍ଦ୍ଧନା ଉତ୍ସବ ସଭାପତି ଆଇନଜୀବୀ ପ୍ରତିମା କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ଯାଜପୁର ବିଧାୟିକା ସୁଜାତା ସାହୁ ଉଦ୍‌ଘାଟନ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ପରିଷଦର ସାଧାରଣ ସମ୍ପାଦକ ଭାସ୍କର ମହାନ୍ତି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଭୂପତି ଭୂଷଣ ମିଶ୍ର ଚେତନାର ବାର୍ତ୍ତାବହ ଓ ଓଡ଼ିଆ ଜାତିର ପରିଚୟ ଶ୍ରୀଜଗନ୍ନାଥ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଉତ୍ସବ ଆମ ପରମ୍ପରାର ଗୌରବ ବହନ କରୁନାହିଁ, ବରଂ ଆଗାମୀ ଯୁବପିଢ଼ିଙ୍କୁ ତାଙ୍କ ପୂର୍ବ ପିଢ଼ିଙ୍କ କାର୍ଯ୍ୟକୁ ମନେ ପକାଇବା ଓ ଅନୁସରଣ କରିବା ପାଇଁ ମାର୍ଗଦର୍ଶକ ହୋଇପାରିଛି ବୋଲି କହିଥିଲେ। ଇତ୍ୟବସରରେ ଘଣ୍ଟବାଦ୍ୟ ସହ ସାଧବ ପୁଅବୋହୂ ଜଗନ୍ନାଥଙ୍କୁ ଦର୍ଶନ କରି ଆଜ୍ଞାମାଳ ନେଇ ବୃନ୍ଦାବନ ମିଶ୍ରଙ୍କ ନେତୃତ୍ୱରେ ପ୍ରତିକାତ୍ମକ ଭାବେ ସାଧବ ପୁଅମାନେ ବୈତରଣୀ ନଦୀରେ ଜାଭା ସୁମାତ୍ରା ବାଲି ଦୀପକୁ ବୋଇତ ନେଇ ବାଣିଜ୍ୟ କରିବାକୁ ଯାଇଥିଲେ। ଯାତ୍ରା ପରେ ସାଧବ ପୁଅମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉତରୀୟ ପ୍ରଦାନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ କଣ୍ଠଶିଳ୍ପୀ ପୃଥ୍ୱିରାଜ ପଣ୍ଡା ଓ ସାଥୀଙ୍କ ନେତୃତ୍ୱରେ ଭଜନ ପରିବେଷଣ କରାଯାଇଥିଲା।


ଗୀତା ଜାଗରଣ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ

## ଶାଳପଡ଼ାରେ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

**ବଡ଼ଚଣା, ୧୫।୧୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡ଼ାଠାରେ ଶନିଶ୍ଚର ପୂଜା କମିଟି ପକ୍ଷରୁ ତୃତୀୟ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଉଦଘାଟିତ ହୋଇଛି। ଶନିଘାଟରେ ବୋଇତ ବନ୍ଦାଣ ପରେ ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡାକ୍ତର କୈଳାସ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଡଃ ଗାଣିତ୍ୟ ଭୂଷଣ ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ପାଣି, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ଆଚାର୍ଯ୍ୟ, ଧୀରେନ୍ଦ୍ର ମହାପାତ୍ର, ବ୍ରହ୍ମାନନ୍ଦ ଶତପଥୀ, ବସନ୍ତ ରାଉତ, ସରପଞ୍ଚ ପ୍ରକାଶ ଚନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ବାବାଜୀ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

ରାହାସ ପୂର୍ଣ୍ଣିମା ଅବସରରେ ଓଡ଼ିଶାର ପୁରାତନ କୀର୍ତ୍ତିରାଜିକୁ ମନେ ରଖିବା ପାଇଁ ଶାଳପଡ଼ାରେ ଶନିଶ୍ଚର କମିଟି ପକ୍ଷରୁ ପୁରାତନ ସାଧବ ପୁଅଙ୍କ ନୌବାଣିଜ୍ୟ କଥାକୁ ମନେ ରଖିବା ପାଇଁ ଏ ଯେଉଁ ବୋଇତ ବନ୍ଦାଣ ଉତ୍ସବ ଏକ ଉତ୍ତମ ପ୍ରୟାସ। ଅତୀତର ସେ ପୁରୁଣା କଥାକୁ ଆଜିର ଯୁବପିଢ଼ି ମନେ ରଖିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହଯୋଗ ଓ ପିରାମିଡ଼ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଦୁଇଦିନିଆ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଶନିଶ୍ଚର ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ବୋଇତ ବନ୍ଦାଣ ଓ ସମ୍ବର୍ଦ୍ଧନା ଉତ୍ସବ



**ରଗଡ଼ି, ୧୫ ।୧୧(ସମିସ):** ପବିତ୍ର ରାହାସ ପୂର୍ଣ୍ଣିମା ଉପଲକ୍ଷେ ପ୍ରତିବର୍ଷ ଭଳି କୋରେଇ ବ୍ଲକ କାଚରାସାହି (ନହଣକୂଳ)ର ପ୍ରସିଦ୍ଧ ଅନନ୍ତ ବାସୁଦେବଙ୍କ ପୀଠରେ ବାର୍ଷିକ ଉତ୍ସବ ଯଜ୍ଞ ମେଳା ବୋଇତ ବନ୍ଦାଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଗୁରୁବାର ରାତି ତିନିଟାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇ ପୂର୍ବାହ୍ନ ପର୍ଯ୍ୟନ୍ତ ଚାଲିଥିଲା। କଟକର ଶ୍ରୀକ୍ଷେତ୍ର ଭଜନ ଗ୍ରୁପ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସିଂଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ନୀଳମଣି ନାୟକ, ବାବାଜୀ ଚରଣ ଚକ୍ର, ରତ୍ନାକର ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ସିଂ, କିରଣବାଳା ଦାସ, ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ କୁମାର ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ମନୋଜ ଚକ୍ର ଧନ୍ୟବାଦ ଦେଇଥିଲେ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ରଗଡ଼ି, ୧୫ ।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତର ଅଶୋକଝର ଗ୍ରାମରେ ଶୁକ୍ରବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସ୍ୱତନ୍ତ୍ର ପଲ୍ଲିସଭା ଓ ପ୍ରଶିକ୍ଷଣ ଶିବିର ମାଧ୍ୟମରେ ପାଳନ କରାଯାଇଛି। ଏହାକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଇଛି। ସରପଞ୍ଚ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ସ୍ୱାଧୀନତା ସଂଗ୍ରାମରେ ଥିବା ତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଉପସ୍ଥିତ ଲୋକଙ୍କୁ ସ୍ୱଚ୍ଛତା ଉପରେ ଶପଥ ପାଠ କରାଯାଇଥିଲା। ଆଦିବାସୀ ଲୋକଙ୍କ ପାଇଁ ଜଙ୍ଗଲ ଜମି ସମ୍ପର୍କରେ ଥିବା ଆଇନ ଓ ନିଶା ନିବାରଣ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ପଞ୍ଚାୟତରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଆଦିବାସୀ ଯୁବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିକଟରେ ଥିବା ହନୁମାନଙ୍କ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରାଯାଇଥିଲା। ସମିତି ସଭ୍ୟ କୁଶ ମୁଣ୍ଡା ଏଥିରେ ଉପସ୍ଥିତ ଥିଲେ। ପିଇଓ ମନୋରଞ୍ଜନ ନାୟକ, ଆଦିତ୍ୟ ନାରାୟଣ ନାୟକ ଓ ଏଡିଇଓ ସୁକାନ୍ତ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଦିବାସୀ କଲ୍ୟାଣ ଓ ପଞ୍ଚାୟତିରାଜ ବିଭାଗ ମିଳିତ ସହଯୋଗରେ ଆଦିବାସୀ ବହୁଳ ପଞ୍ଚାୟତରେ ଏହା ପାଳନ କରାଯାଇଛି।


## ଯାଜପୁର କିକ୍‌ବକ୍ସିଂ ଦଳ ସମ୍ବର୍ଦ୍ଧିତ



**ଯାଜପୁର ଟାଉନ, ୧୫।୧୧(ସମିସ):** କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଯାଜପୁରର ୧୦ ଜଣ କିକ୍‌ବକ୍ସିଂ ଖେଳାଳିଙ୍କୁ ବିଭିନ୍ନ ଜାତୀୟ ସ୍ତରର ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ ପାଇଁ ୧୩ ତାରିଖ ଦିନ କଳିଙ୍ଗ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରିଥିଲେ। ଭାଗ୍ୟଶ୍ରୀ ମହାପାତ୍ର, ସୋନାଲୀ ଅସୀମା ସୂତାର, ସୁନନ୍ଦା ମହାରଣା, ବର୍ଷାରାଣୀ ସାମଲ, ମୋନାଲିସା କୁଣ୍ଡୁ, ଅର୍ପିତା ପ୍ରିୟଦର୍ଶିନୀ ପଣ୍ଡା, ଶର୍ମିଷ୍ଠା ଦାସ, ପ୍ରିୟଦର୍ଶିନୀ ମଲ୍ଲିକ, ହିତେଶ ପାତ୍ର ଓ ସାଇ ଆଦ୍ୟାଂଶୁ ମିଶ୍ର ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ଆସୋସିଏସନ ସଭାପତି ଭବପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର ସମସ୍ତ ସମ୍ବର୍ଦ୍ଧିତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ପାଇଁ ସମ୍ପାଦକ ରଞ୍ଜନ ସୂତାର ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆଙ୍କ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ସଞ୍ଜୟ ମହାରଣା, ଜିତେନ୍ଦ୍ର ମହାନ୍ତି, ପ୍ରଶିକ୍ଷକ ରିତେନ୍ଦ୍ର ବିଶ୍ୱାଳ ଓ ଭାଗ୍ୟଶ୍ରୀ ମହାପାତ୍ର ଶୁଭେଚ୍ଛା ଜଣାଇଛନ୍ତି।

## ଜନଜାତୀୟ ଗୌରବ ଦିବସ ପାଳିତ

# 'ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ସଚେତନ କରାଯିବ'



**ସୁକିନ୍ଦା, ୧୫ ।୧୧(ସମିସ):** ଆଜି ସୁକିନ୍ଦାଠାରେ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଲବୀ ତଥା ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ୧୫ ନଭେମ୍ବରକୁ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯାଇଛି। ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଦେଶର ସମସ୍ତ ଅନୁସୂଚିତ ଜନଜାତି ବହୁଳ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି। ସ୍ୱତନ୍ତ୍ର ଗ୍ରାମସଭାରେ ପେସା, ଜଙ୍ଗଲ ଅଧିକାର ଆଇନ, ପଞ୍ଚାୟତ ବିକାଶ ସୂଚୀ ଆଦି ବିଷୟରେ ଜନସାଧାରଣଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସହିଦ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ମହାନ ବିପ୍ଲବୀ ବିର୍ସା ମୁଣ୍ଡାଙ୍କ ସଂଗ୍ରାମର ବୀରତ୍ୱ କାହାଣୀ ସମ୍ପର୍କରେ ମନ୍ତ୍ରୀ ଅବଗତ କରାଇଥିଲେ। ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା କଲ୍ୟାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ୧୩ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ପିଏମ୍ ଜନମନ ଯୋଜନାରେ ୧୦ ଜଣଙ୍କୁ ଆଧାର କାର୍ଡ ବଣ୍ଟନ କରିଥିଲେ। ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନାରେ ଓଡ଼ିଶାରେ ୨୭ଟି ଜିଲ୍ଲାର ୭୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଉତ୍ସବରେ ବନ୍ଧଗାଁ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀ ଆମ ଘର ଶିଶୁଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏ ଅବସରରେ ସ୍ୱାସ୍ଥ୍ୟ ଶିବିର, ଆଧାର କ୍ୟାମ୍ପ, କୃଷି, ପ୍ରାଣୀ ସମ୍ପଦ, ପେନସନ, ରାସନ କାର୍ଡ, ମିଶନ ଆଶ୍ରାର ବାଉଁଶ କାରୁକାର୍ଯ୍ୟ, ଆଦିବାସୀ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ି, ଆଚାର ଆଦି ୧୧ଟି ପ୍ରଦର୍ଶନୀ ଷ୍ଟଲ୍ ଖୋଲାଯାଇଥିଲା। ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ବରୁଆଁ ଧବଳେଶ୍ୱର ପୀଠରେ ବଡ଼ଓଷା

**ବରୁଆଁ, ୧୫ ।୧୧(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଧବଳେଶ୍ୱର ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ବଡ଼ଓଷା ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ମହାସ୍ନାନ ପରେ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ଧବଳେଶ୍ୱର। ଠାକୁରଙ୍କ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ପୂଜକ ଭାଗବତ ମିଶ୍ର ଓ ସୁରେଶ ମିଶ୍ର ଗଜଭୋଗ ଲାଗି କରି ମାନସିକଧାରୀଙ୍କୁ ଦିଆଯାଇଥିଲା। ସ୍ଥାନୀୟ ଯୁବକ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଯାଜପୁର ସଦର ମହୋତ୍ସବ ପ୍ରସ୍ତୁତି ବୈଠକ

**ଯାଜପୁର, ୧୫ ।୧୧(ସମିସ):** ଯାଜପୁର ସଦର ମହୋତ୍ସବ ନିମନ୍ତେ ସଦର ଥାନା ଅଧିକାରୀ ଶଙ୍କର୍ଷଣ ଦଳାଇଙ୍କ ଅଧ୍ୟକ୍ଷତାରେ ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ମହୋତ୍ସବ କମିଟିର ମୁଖ୍ୟ ଉପଦେଷ୍ଟା ବ୍ରଜକିଶୋର ପାଢ଼ୀ ମହୋତ୍ସବ ଆୟୋଜନ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କମିଟିର ସଭାପତି ବିଜୟ ପାଢ଼ୀ ଚଳିତ ବର୍ଷ ଡିସେମ୍ବର ମାସ ୧୬ ତାରିଖରେ କବିରପୁର ଦଶହରା ପଡ଼ିଆରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ସହ ମହୋତ୍ସବ ଉଦଘାଟିତ ହୋଇ ୨୩ ତାରିଖରେ ଉଦଯାପିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପଡ଼ିଆରେ ମୀନା ବଜାର ଓ ଷ୍ଟଲ୍ ପଡ଼ିବ। ଜନସମାଗମକୁ ଦୃଷ୍ଟିରେ ରଖି ଅଧିକ ପୁଲିସ ଫୋର୍ସ ମୁତୟନ ସହ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ କମିଟିର ସମ୍ପାଦକ ମୋହନ ସୁନ୍ଦର ରାଉତ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପାଢ଼ୀ, ସ୍ଥାନୀୟ ସରପଞ୍ଚ ସୁଜିତ କୁମାର ରାୟ, ଜିଲ୍ଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ଅମିତ କୁମାର ରାଉତ, ବିଭୂତି ଭୂଷଣ ନାୟକ, ବାଦଲ ରାଉତ, ଶରତ ଦାଶ, ଦୀପକ ଜେନା, ଦୋଳଗୋବିନ୍ଦ ବେହେରା, ବିକ୍ରମ ସାମଲ, ସତ୍ୟବ୍ରତ ପତି, ରାମଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ମଳ ରାୟ ମେଧା ବୃତ୍ତି ପ୍ରଦାନ ଉତ୍ସବ



**ଧର୍ମଶାଳା, ୧୫ ।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋତପୁର ଜାଗୁଲାଇ ସରକାରୀ ଉଚ୍ଚବିଦ୍ୟାଳୟରେ ନିର୍ମଳ ଚନ୍ଦ୍ର ରାୟ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଧାବୃତ୍ତି ପ୍ରଦାନ ଉତ୍ସବରେ ଜଗୁଲାଇ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ ସାହୁ, ଶିକ୍ଷୟିତ୍ରୀ ଗ୍ଲୋରିଆ ନାୟକ, ଶିକ୍ଷକ ରାଜେଶ କୁମାର ନାୟକ, ନିର୍ମଳ ଚନ୍ଦ୍ର ରାୟ ମେଧାବୃତ୍ତି ଟ୍ରଷ୍ଟର ଅଧ୍ୟକ୍ଷ ଶୁଭ୍ରଜିତ ସାମଲ, ଶିକ୍ଷକ ସୁଶାନ୍ତ କୁମାର ରାଉତ ଓ ଏନସିସି ଶିକ୍ଷକ ନିର୍ମଳ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ନିର୍ମଳ ଚନ୍ଦ୍ର ରାୟ ମେଧାବୃତ୍ତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ଦଶମ ଶ୍ରେଣୀର ଇତିଶ୍ରୀ ସ୍ୱାଇଁ, ବିଶ୍ୱ ପ୍ରକାଶ ବେହେରା, ନବମ ଶ୍ରେଣୀର ପାଇଁ ବର୍ଷା ସାହୁ, ତାପସ ରଞ୍ଜନ ଦାଶ, ଅଷ୍ଟମ ଶ୍ରେଣୀର ସତ୍ୟମ ସାହୁ, ରାଜଲକ୍ଷ୍ମୀ ଦାଶଙ୍କୁ ନିର୍ମଳ ଚନ୍ଦ୍ର ରାୟ ମେଧାବୃତ୍ତି ଟ୍ରଷ୍ଟ ପକ୍ଷରୁ ୧ ହଜାର ଟଙ୍କା ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ମହେଶ୍ୱରପୁର ରାହାସ ଉତ୍ସବ ଉଦ୍‌ଘାଟିତ



**ବରୁଆଁ, ୧୫ ।୧୧(ସମିସ):** ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁରରେ କାର୍ତ୍ତିକେଶ୍ୱର ବଣିକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରାହାସ ଉତ୍ସବ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ବରିଷ୍ଠ ସମାଜସେବୀ ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ସୁଜାତା ସାହୁ ମଞ୍ଚରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସଭାପତି ଶ୍ରୀ ପାଢ଼ୀ ରାହାସ ଉତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଧାୟିକା ଏହି ଉତ୍ସବର ଆୟୋଜକଙ୍କୁ ପ୍ରଶଂସା କରିବା ସହ ଆସନ୍ତା ବର୍ଷ ଏହାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ କଳା କ୍ଷେତ୍ରରେ ଆମ ରାଜ୍ୟର ଟେକ ରଖିବାକୁ ଏହା ଏକ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ସ୍ଥାନୀୟ ସରପଞ୍ଚ ସୁଜିତ କୁମାର ରାୟ, ୩୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁନୀତା ରାଉତ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ମଲ୍ଲିକ୍, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, କାର୍ତ୍ତିକେଶ୍ୱର ବଣିକ ସଂଘ ସଭାପତି ଗୋପାଳ ଚନ୍ଦ୍ର ସାହୁ, ସମ୍ପାଦକ ସୁଶାନ୍ତ ବେହେରା, ସଦର ମହୋତ୍ସବ କମିଟି ସଭାପତି ବିଜୟ ପାଢ଼ୀ, ରବୀନ୍ଦ୍ର ବେଉରା, ମାଧବ ମାଝୀ, ସରସ୍ୱତୀ ବଳ, ଯୁବନେତା ଗୌରାଙ୍ଗ ସାମଲ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିଜୟ ଦଳେଇ, ବିବେକ ଜେନା ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବର ମୁଖ୍ୟ ଉଦ୍ୟୋକ୍ତା ଅମିତ ରାଉତଙ୍କୁ ଉପସ୍ଥିତ ସମସ୍ତ ଅତିଥି ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଦଘାଟନୀ ଉତ୍ସବର ମୁଖ୍ୟ ଆକର୍ଷଣ ରଜ ସୁନ୍ଦରୀ ସାଇ ସନ୍ତୋଷିନୀ ଚଳଚ୍ଚିତ୍ର ଗୀତରେ ନୃତ୍ୟ ପରିବେଷଣ କରିଥିଲେ।

# ରାହାସ ଉତ୍ସବ ଯାଜପୁର ଓ ରସୁଲପୁର ଉତ୍ସବମୁଖର

ଯାଜପୁର, ୧୫ ।୧୧(ସମିସ)



ରାହାସ ପୂର୍ଣ୍ଣିମା ପାଇଁ ଯାଜପୁର ବ୍ଲକର ମହେଶ୍ୱରପୁର, ବରୁଆଁ, ଶ୍ୟାମଦାସପୁର ଓ ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତ ଉତ୍ସବ ମୁଖରିତ ହୋଇଛି। ରାହାସ କୁଞ୍ଜ କହିଲେ ରସୁଲପୁର ବ୍ଲକ ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ସ୍ୱର୍ଗତଃ ବଳରାମ ସାହୁଙ୍କ ମାନସ ସନ୍ତାନ ଭାବେ ପରିଚିତ। ୧୯୪୧ରେ ହରିପୁର ଗ୍ରାମର ବଳରାମ ସାହୁଙ୍କ କ୍ରମାଗତ ଭାବେ ୪ଟି କନ୍ୟା ସନ୍ତାନ ଜନ୍ମ ହେବାପରେ ନିଜର ବଂଶ ରକ୍ଷା ନିମନ୍ତେ ନିଜର ଇଷ୍ଟଦେବ ରାଧା ରାହାସ ବିହାରୀଙ୍କ ନିକଟରେ ଏକ ପୁତ୍ର ସନ୍ତାନ ପାଇଁ ମାନସିକ କରିଥିଲେ। ପୁତ୍ର ସନ୍ତାନ ହେଲେ ଇଷ୍ଟଦେବଙ୍କୁ ରାହାସ କୁଞ୍ଜରେ ବିରାଜମାନ କରାଇବାକୁ ସଂକଳ୍ପ କଲେ। କିଛିଦିନ ପରେ ବଳରାମ ସାହୁଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେଲା। ସେହି ବର୍ଷ ରାହାସ ପୂର୍ଣ୍ଣିମାର ଏକ ମାସ ପୂର୍ବରୁ ପୁରୀ ଓ ଆଖପାଖ ଅଞ୍ଚଳର କିଛି କୁଶଳୀ କାରିଗରଙ୍କୁ ନେଇ ରଙ୍ଗୀନ୍ ଚିକ୍ ମିକ୍ ଜମ୍ଫରା କାଗଜ, ସୋଲ ଆଦି ବ୍ୟବହାର କରି ବିଭିନ୍ନ ପ୍ରକାର ଫୁଲ, ପଶୁପକ୍ଷୀ, ମୂର୍ତ୍ତି ଆଦି ପ୍ରସ୍ତୁତ କରି ଥାକକୁ ଥାକ ସୁନ୍ଦର୍ ଭାବେ ସଜାଇ କୁଞ୍ଜ ପ୍ରସ୍ତୁତ କରାଗଲା। ସେହି କୁଞ୍ଜରେ ଏକ ସିଂହାସନ ନିର୍ମିତ କରାଯାଇ ଠାକୁର ରାଧା ରାହାସ ବିହାରୀଙ୍କୁ ବିଜେ କରାଗଲା। ଏହା ପବିତ୍ର କାର୍ତ୍ତିକ ମାସ ପଞ୍ଚକ ଆରମ୍ଭରେ କରାଯାଇ କାର୍ତ୍ତିକ ପୂର୍ଣ୍ଣିମା ରାତ୍ରରେ ଠାକୁର ମନ୍ଦିରରେ ଥିବା ସିଂହାସନରେ ବିରାଜମାନ କରିଥା'ନ୍ତି। ସେହି ରାହସ କୁଞ୍ଜ ନିକଟରେ ଠାକୁରଙ୍କ ନୀତିକାନ୍ତି ସହ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ସ୍ୱର୍ଗତ ବଳରାମ ସାହୁ ରାହାସ କୁଞ୍ଜ ନାମରେ ନାମିତ ହୋଇ ଚଳିତ ବର୍ଷ ୮୩ ବର୍ଷରେ ପଦାର୍ପଣ କରିଛି।

ଏହି ରାହସ କୁଞ୍ଜ ଆଖପାଖ ଅଞ୍ଚଳରେ ଥିବା ମଠ ମନ୍ଦିରରେ ଶ୍ରୀଜୀଉଙ୍କୁ ସୁସଜ୍ଜିତ ମଣ୍ଡପରେ ଦେଖିବାକୁ ମିଳିଥିଲା। ପରେ ଏହି ପର୍ବକୁ ଅତି ଆକର୍ଷଣୀୟ କରିବା ସହ ନରସିଂହପୁର ପଞ୍ଚାୟତର ହରିପୁର ରାଧା ବୃନ୍ଦାବନଚନ୍ଦ୍ରଜୀଉ, ଉମାଦେବୀ ପାଟଣାର ଜଗନ୍ନାଥ ମଠ, ନରସିଂହପୁରର ଗୋପିନାଥଜୀଉ, ପ୍ରେମାନନ୍ଦ ଦାସ ମହାରାଜ (ଗାଙ୍ଗୁଲକ୍ଷ ମଠ), ମହେଶ୍ୱରପୁର ପଞ୍ଚାୟତ ଗୋପିନାଥପୁର ରାଧା ଗୋପିନାଥଜୀଉ, ପୁରୁଷୋତ୍ତମପୁରର ଗୋପାଳଜୀଉ, ବାଲ୍ୟଲୀଳା ମଠ ବ୍ରାହ୍ମଣବାଛପୁର, କବିରପୁରର ଦଧିବାମନଜୀଉ, ବରୁଆଁର ଧବଳେଶ୍ୱର ପୀଠ, ଗୋପିନାଥଜୀଉ ମଠ, ଶ୍ୟାମଦାସପୁରର ଗୋବିନ୍ଦ ମଠରେ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଠାକୁରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରୁଛନ୍ତି। ଚଳିତବର୍ଷ ଏହି ଅଞ୍ଚଳରେ ଏକକାଳୀନ ଓଡ଼ିଶାର ପ୍ରତିଷ୍ଠିତ ୮ଟି ଯାତ୍ରା ପାର୍ଟି ନାଟକ ପରିବେଷଣ କରିବେ ବୋଲି ଜଣାପଡ଼ିଛି।

ସକାଳ THE SAKALA



## ସ୍ୱପ୍ନେଶ୍ୱର ପୀଠରେ କାର୍ତ୍ତିକ ପୂର୍ଣ୍ଣିମା

ଦଶରଥପୁର, ୧୫।୧୧(ସମିସ): ପୂଣ୍ୟତିଥି କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତର ସୁଧଗୋବିନ୍ଦାସ୍ଥ ସ୍ୱପ୍ନେଶ୍ୱର ଶୈବ ପୀଠରେ କାର୍ତ୍ତିକ ମହୋତ୍ସବ ଓ ପବିତ୍ର ବଡ଼ଓଷା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସ୍ୱପ୍ନେଶ୍ୱରଙ୍କ ପୀଠରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସ୍ୱପ୍ନେଶ୍ୱର ମନ୍ଦିର ପରିସର। ଗୁରୁବାର ରାତିରୁ ଉଜାଗର ରହି ବଡ଼ଓଷା ଉପଲକ୍ଷେ ବାବା ସ୍ୱପ୍ନେଶ୍ୱରଙ୍କ ବଡ଼ସିଂହାର ବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ମନ୍ଦିର କମିଟି ପକ୍ଷରୁ ହବିଷ୍ୟାଳିଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ଭଜନ ସାରେଗାମା ପକ୍ଷରୁ ପରିବେଷଣ କରାଯାଇଥିବା ଭକ୍ତି ସଙ୍ଗୀତକୁ ଅଞ୍ଚଳବାସୀ ଉପଭୋଗ କରିଥିଲେ। ମନ୍ଦିର କମିଟିର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁରେନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ ପାଣିଗ୍ରାହୀ, ନୀଳମଣି ପାଣିଗ୍ରାହୀ, ଚକ୍ରଧର ପଣ୍ଡା, ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ଦାସଙ୍କ ନେତୃତ୍ୱରେ ଗ୍ରାମର ବହୁ ସଂଖ୍ୟାରେ ଯୁବକ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

### ବରୀରେ ସୁନନ୍ଦାଙ୍କୁ ପାନେ ଦେବାକୁ ହିମାଂଶୁଙ୍କ ସହଯୋଗ ଲୋଡ଼ିଲେ ଉମେଶ

# ସୁନନ୍ଦାଙ୍କ ଅନୁପସ୍ଥିତିରେ ଉମେଶଙ୍କ ଶକ୍ତି ପ୍ରଦର୍ଶନକୁ ନେଇ ଚର୍ଚ୍ଚା

ଯାଜପୁର, ୧୫ ।୧୧(ସମିସ)




ଯାଜପୁର ଜିଲ୍ଲାରେ ଦଳ ବଦଳକାରୀ ନେତ୍ରୀ ଭାବେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବେଶ ପରିଚିତ। ନିକଟରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ବରୀରେ ବିଜୁ ଜନତା ଦଳ ବିରୋଧରେ କାର୍ଯ୍ୟ କରିବା ସହିତ ଦଳ କ୍ଷମତାରୁ ଯିବା ପରେ ଆଉ ସ୍ୱାର୍ଥ ହାସଲ ହେବ ନାହିଁ ଅନୁଭବ କରି ଶାସକ ଦଳ ସହିତ ହାତ ମିଶାଇଥିବା ଚର୍ଚ୍ଚା ହେଉଥିଲା। ଗତ ସାଧାରଣ ନିର୍ବାଚନରେ ବରୀ ବିଧାନସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଉମେଶ ଜେନା ଦଳର ସଂଗଠନ ଦାୟିତ୍ୱରେ ଅଛନ୍ତି। ତଥାପି ସଂଗଠନକୁ ନିଜ ହାତକୁ ନେବା ଉଦ୍ଦେଶ୍ୟରେ ସେ ବିଜେପିରେ ଯୋଗ ଦେଇଥିଲେ ହେଁ ତାଙ୍କୁ ସବୁଆଡୁ ବିରୋଧର ସାମ୍ନା କରିବାକୁ ପଡୁଛି। ବିଶେଷକରି ବରୀ ବିଜେପିର ମୂଳପିଣ୍ଡ କୁହାଯାଉଥିବା ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡ଼ାଙ୍କଠାରୁ ଆରମ୍ଭ କରି ବରିଷ୍ଠ ଦଳୀୟ କ୍ୟାଡର ସୁନନ୍ଦାଙ୍କୁ ଘୋର ବିରୋଧ କରୁଥିଲେ। ଏବେ ନିକଟରେ ତାଙ୍କର ବିଜେପିରେ ଅନୁପ୍ରବେଶ ଯଦିଓ କ୍ୟାଡରମାନେ ବନ୍ଦ କରିବାରେ ବିଫଳ ହୋଇଛନ୍ତି, ତଥାପି ତାଙ୍କ ପତିଆରା ହ୍ରାସ କରିବାକୁ ସମସ୍ତେ ଯେମିତି ଏକ ହୋଇଥିବା ଭଳି ମନେ ହେଉଛି। ଆଜି ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ରହ୍ମବରଦାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରୁ ଏହା ସ୍ପଷ୍ଟ ହୋଇଛି।

ବ୍ରହ୍ମବରଦାର ଉତ୍କଳ ଗୌରବ ସେବା ସଂସଦ ପକ୍ଷରୁ ଆୟୋଜିତ ୨୫ତମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବରେ ଉମେଶ ଜେନା ଓ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଦେଖିବାକୁ ମିଳିଥିଲା। ଏଠାରେ ନିକଟରେ ବିଜେପିରେ ସାମିଲ ହୋଇଥିବା ପୂର୍ବତନ ବିଧାୟିକା ସୁନନ୍ଦା ଦାସଙ୍କୁ ଦେଖିବାକୁ ମିଳି ନ ଥିଲା। ଯାହାକୁ ନେଇ ରାଜନୈତିକ ମହଲରେ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି। ଉମେଶ ପଡୋଶୀ ବିଧାୟକ ହିମାଂଶୁଙ୍କୁ ସ୍ୱାଗତ କରିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରିଥିବାବେଳେ ସୁନନ୍ଦାଙ୍କୁ ଏଠାକୁ ନିମନ୍ତ୍ରଣ କରାଯାଇ ନ ଥିବା କୁହାଯାଉଛି। ହିମାଂଶୁଙ୍କ ପ୍ରଭାବ ରସୁଲପୁର ବ୍ଲକରେ ରହିଥିବାରୁ ସୁନନ୍ଦାଙ୍କୁ ରସୁଲପୁର ବ୍ଲକ ଅଞ୍ଚଳରେ ଚେକ ଦେବାକୁ ଉମେଶ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ବରୀ ବିଧାନସଭା ଆସନରେ ବିଜେପି ଯେତେ ପରିବର୍ତ୍ତନ କଲେ ମଧ୍ୟ ବାରମ୍ବାର ନିର୍ବାଚନରେ ପରାଜୟବରଣ କରୁଛି। ପୂର୍ବରୁ ଆଶୁତୋଷ ପରିଡ଼ା, ଉମେଶ ଜେନା ଦଳର ନେତୃତ୍ୱରେ ଥାଇ ମଧ୍ୟ ପୁଣି ସୁନନ୍ଦାଙ୍କୁ ଦଳରେ ମିଶାଇବା ଘଟଣାକୁ ତୃଣମୂଳ ବିଜେପି କର୍ମୀ ଗ୍ରହଣ କରିବାକୁ ପ୍ରସ୍ତୁତ ନାହାଁନ୍ତି। ଆଗକୁ ଏଭଳି ପରିସ୍ଥିତି ଲାଗି ରହିଲେ ସୁନନ୍ଦାଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଏହି ବୋଇତ ବନ୍ଦାଣ ଉତ୍ସବରେ ସିନେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗ ଦେଇଥିବାବେଳେ ଏ ଅବସରରେ ସମାଜର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କାର୍ତ୍ତିକ ପୂର୍ଣ୍ଣିମାରେ ମଠ ମନ୍ଦିରରେ ଭିଡ଼



ବିଞ୍ଝାରପୁର, ୧୫ ।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମାରେ ବିଞ୍ଝାରପୁର ଅଞ୍ଚଳରେ ଥିବା ମଠ ମନ୍ଦିର ଉତ୍ସବମୁଖର ହୋଇଉଠିଛି। ବାହ୍ମ ମୁହୂର୍ତ୍ତରୁ ଶ୍ରଦ୍ଧାଳୁ ସ୍ନାନ କରି ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ମଠ, ମନ୍ଦିରରେ ଭିଡ଼ ଜମାଇଥିଲେ। ମଠ ମନ୍ଦିରରେ ଶୁକ୍ରବାର ବ୍ରହ୍ମ ମୁହୂର୍ତ୍ତରେ ମଙ୍ଗଳ ଆରତି, ଷୋଡଶ ଉପଚାର ପୂଜା, ହୋମ ଯଜ୍ଞ, ସଂକୀର୍ତ୍ତନ ସହ ବିଳମ୍ବିତ ରାତିରେ ପୂର୍ଣ୍ଣ ଆରତୀ ଅନୁଷ୍ଠିତ ହୋଇଥିଲା। ଯାହାକି ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅରେଇସ୍ଥ ବାବା ବରୁଣେଶ୍ୱର ପୀଠ, ଗୌଡସାହିସ୍ଥ କଲ୍ୟାଣେଶ୍ୱର ପୀଠ, କଲ୍ୟାଣପୁରସ୍ଥ ବରୁଣେଶ୍ୱର ପୀଠ, ସମଲେଶ୍ୱର ପୀଠ, ସିଂହପୁରସ୍ଥ ମା' ଦରିଆ ନାହାକାଣୀ ପୀଠ, ଫତେପୁରସ୍ଥ ଜଗନ୍ନାଥ ମନ୍ଦିର, ମାଁସଡାସ୍ଥ ଦଧିବାମନଜୀଉ ମନ୍ଦିର, ରଣପୁରସ୍ଥ ବଟେଶ୍ୱର ମନ୍ଦିର, କେଶରାକେଶରୀଜୀଉ ମଠ, ନନ୍ଦଲାଲଜୀଉ ମଠ, ବ୍ରଜମୋହନଜୀଉ ମଠ, ଶ୍ୟାମସୁନ୍ଦରଜୀଉ ମଠରେ ପ୍ରାତଃରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ବଞ୍ଚାଇ ରଖିବାକୁ ସାରସ୍ୱତ ସଂଗଠନ ଅଖିଳ ଚକ୍ର ପକ୍ଷରୁ ବରୁଣେଶ୍ୱର ପୀଠସ୍ଥ କୁଶଭଦ୍ରା ନଦୀପଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ବରୁଣ୍ଡେଇରେ ହରି-ହରଙ୍କ ମିଳନ ପର୍ବ

ପାଣିକୋଇଲି, ୧୫ ।୧୧(ସମିସ): ପ୍ରତିବର୍ଷ ଭଳି ଆଜି ପଞ୍ଚୁକ ଅବସରରେ ହରି-ହରଙ୍କ ମିଳନ ହୋଇଛି। ଭକ୍ତ ଆନନ୍ଦ ଉତ୍ସାହର ସହିତ ବର୍ଷକେ ଥରେ ହରି-ହର ମିଳନ ଦେଖିବାର ସୁଯୋଗ ପାଇଥା'ନ୍ତି। କୋରେଇ ବ୍ଲକ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ବଡ଼ପୋଖରୀ ମଝିରେ ଥିବା ହରି (ନାରାୟଣ) ଓ ପୋଖରୀ କୂଳରେ ଥିବା ହର (ହିରଣ୍ୟେଶ୍ୱର)ଙ୍କ ପବିତ୍ର ମହାମିଳନ ପର୍ବ ଆଜି ରାହାସ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି। ଏହି ପବିତ୍ର ମହାମିଳନ ଦର୍ଶନ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଏହି ପୀଠରେ ଏକତ୍ରିତ ହୋଇଥିଲେ। ପବିତ୍ର କାର୍ତ୍ତିକ ମାସ ଭୀଷ୍ମ ପଞ୍ଚୁକଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ବର୍ଷକରେ ଥରେ ହରିହରଙ୍କର ମିଳନ ହୁଏ। ଏହି ମିଳନ ଉତ୍ସବରେ ପ୍ରଭୁଙ୍କ କୃପା ଲାଭ କରିବା ପାଇଁ ଭକ୍ତ ପୋଖରୀ ମଝିରେ ଥିବା ହରିଙ୍କ ଦର୍ଶନ ନିମନ୍ତେ ଏକ ଅସ୍ଥାୟୀ ବାଉଁଶ ତିଆରି ପୋଲରେ ପୋଖରୀ ମଝିକୁ ଯାଇ ଦିଅଁ ଦର୍ଶନ କରିବା ଏକ ନିଆରା ପରମ୍ପରା ବହୁଦିନରୁ ଚାଲିଆସୁଛି। କେଉଁ ଆଦିମ କାଳରୁ ଏହି ଗ୍ରାମରେ ଥିବା ପୋଖରୀର ଦୀପ ଦାଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିର୍ ଶ୍ରୀହରି (ନାରାୟଣ)



ଓ ପୋଖରୀ କୂଳରେ ଶ୍ରୀଶ୍ରୀ ହିରଣ୍ୟେଶ୍ୱର ମହାଦେବ (ହର) ବିଜେ କରିଛନ୍ତି। ହରିହରଙ୍କ ଆର୍ବିଭାବରୁ ଏହି କ୍ଷେତ୍ର ପବିତ୍ର ଓ ମହାନ ହୋଇଛି। ଏହି କ୍ଷେତ୍ରରେ ପୂର୍ଣ୍ଣମୀ ଦିନ ହରିହରଙ୍କୁ ଦର୍ଶନ କରି ଘିଅ ଦୀପଟିଏ ଜଳାଇ ଯାହା ମାନସିକ କରାଯାଏ, ତାହା ଫଳବତୀ ହୁଏ ଓ ମଣିଷ ଜଞ୍ଜାଳରୁ ମୁକ୍ତି ଲାଭ କରେ ବୋଲି ବିଶ୍ୱାସ ରହିଛି। ଆଖପାଖ ୫୦ ଖଣ୍ଡ ଗାଁରୁ ଶ୍ରଦ୍ଧାଳୁ ଆସି ହରି ଓ ହରଙ୍କୁ ଦୀପଦାନ କରି ଫେରି କୂଳରେ ପ୍ରସାଦ ସେବନ କରିଥା'ନ୍ତି। ଆଜି ବହୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଦିଅଁ ଦର୍ଶନ କରିଥିଲେ।

## ବାଲିଚନ୍ଦ୍ରପୁର ପ୍ରେସ୍ ଫୋରମ୍ ପକ୍ଷରୁ ବୋଇତ ବନ୍ଦାଣ




ବାଲିଚନ୍ଦ୍ରପୁର, ୧୫ ।୧୧(ସମିସ): ବାଲିଚନ୍ଦ୍ରପୁର ପ୍ରେସ୍ ଫୋରମ୍ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ପ୍ରେସ ଫୋରମର ସମ୍ପାଦକ ରାକେଶ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଓ ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବାଉଙ୍ଗା ଓ ସୋଲତିଆରି ଡଙ୍ଗା ନଦୀ, ସମୁଦ୍ର ଓ ଜଳାଶୟରେ ନରନାରୀ 'ଆ-କା-ମା-ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧରମ ମୋର' ଗୀତ ଗାଇ ଡଙ୍ଗା ଭସାଇଥା'ନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ କାର୍ଯ୍ୟକାରୀ ସମ୍ପାଦକ ସତ୍ୟାନନ୍ଦ ମଲ୍ଲିକ, କୋଷାଧ୍ୟକ୍ଷ ନାରାୟଣ ସାହୁ, ସଞ୍ଜୟ ବାରିକ, ନିବାରଣ ସାହୁ, ବିକାଶ ରଞ୍ଜନ ବଳ, ଶିବପ୍ରସାଦ ସାମଲ, ଶୁଭକାନ୍ତ ସାହୁ, ପ୍ରତାପ ସେନାପତି, ରଶ୍ମିକାନ୍ତ ମହାନ୍ତି, ସଲିମ ମହମ୍ମଦ, ସମାଜସେବୀ କ୍ଷୀରୋଦ ଚନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳାଚଳ ଇସ୍ପାତ ପକ୍ଷରୁ ଶିଶୁ ଦିବସ ପାଳିତ



ଦାନଗଦି, ୧୫।୧୧ (ସମିସ): ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍), ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ସହଯୋଗରେ ଦାନଗଦି ବ୍ଲକ ଶାଳିଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଢେଙ୍କିଶାଳ ଗ୍ରାମର ଅଙ୍ଗନବାଡ଼ି ଓ ଟିଏସ୍ଏଫ୍ ଆଦିବାସୀ ଭାଷା ଶ୍ରେଣୀର ୪୫ ଜଣ ପିଲାଙ୍କୁ ନେଇ ଶିଶୁ ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ କର୍ମଚାରୀ ପିଲାଙ୍କୁ ଅଧ୍ୟୟନ ସାମଗ୍ରୀ ଓ ଜଳଖିଆ ବଣ୍ଟନ କରିଥିଲେ। ପିଲାଙ୍କୁ ଶିକ୍ଷା ପ୍ରତି ଆଗ୍ରହୀ କରିବା ପାଇଁ ପ୍ରେରଣା ଯୋଗାଇଥିଲେ। ଏଥିସହିତ ଶାଳିଜଙ୍ଗା ଗ୍ରାମରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ପକ୍ଷରୁ ସ୍ଥାନୀୟ ମହିଳାଙ୍କ ପାଇଁ 'ଘରୋଇ ଓ ଅଗ୍ନି ନିରାପତ୍ତା' ଉପରେ ଏକ ସଚେତନତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘରୋଇ ଦୁର୍ଘଟଣା ରୋକିବା ଓ ଜରୁରୀକାଳୀନ ପରିସ୍ଥିତିର ପ୍ରଭାବଶାଳୀ ମୁକାବିଲା ପାଇଁ ସ୍ଥାନୀୟ ମହିଳାଙ୍କୁ ତାଲିମ ପ୍ରଦାନ କରି ସଶକ୍ତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୫୦ରୁ ଅଧିକ ମହିଳା ଅଂଶଗ୍ରହଣ କରିଥିଲେ।

## ଶିଶୁ ଦିବସରେ ଆଇନ ସଚେତନତା

ବଡ଼ଚଣା, ୧୫।୧୧(ସମିସ): ବଡଚଣା ସରକାରୀ ଉଚ୍ଚବିଦ୍ୟାଳୟରେ ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନସେବା କେନ୍ଦ୍ର ପକ୍ଷରୁ ଶିଶୁ ଦିବସ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ କେନ୍ଦ୍ରର ଅଧ୍ୟକ୍ଷ ତଥା ଚଣ୍ଡିଖୋଲ କୋର୍ଟର ବରିଷ୍ଠ ବିଚାରପତି ବିଶ୍ୱଦୀପକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପିଲାଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ପୋଷଣ କରି ଶିକ୍ଷାଦାନ କରିବାକୁ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଚଣ୍ଡିଖୋଲ କୋର୍ଟର ବିଚାରପତି ପରବିନ ମଣ୍ଡଳ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିଲେ ସୁସ୍ଥ ସମାଜ ଗଠନ ହୋଇପାରିବ ଓ ଶିଶୁ ଅଧିକାର ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ସ୍ମୃତିରଞ୍ଜନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ରିଟେନର ଜାଗୃତି ବାରିକ, ଆଇନଜୀବୀ ଜ୍ୟୋତିଶଙ୍କର ମହାପାତ୍ର, ଶିକ୍ଷୟିତ୍ରୀ ମାମିନା ଅନୁରଞ୍ଜନୀ, ସୁଜାତା ଆଚାର୍ଯ୍ୟ, ଅରୁଣା ଦାଶ, ଝରଣା ବରାଳ, ପ୍ରଭାସିନି ନାୟକ, ମମିତା ଖୁଣ୍ଟିଆ, ରଶ୍ମିତା ସାହୁ, ପ୍ରଜ୍ଞା ପରମିତା ସେଠୀ, ଦୀପ୍ତିମୟୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ବିଭୁଦତ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳାର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ



ଜାରକା, ୧୫।୧୧(ସମିସ): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ମିର୍ଜାପୁର ପଞ୍ଚାୟତର ଅରଙ୍ଗାବାଦଠାରେ ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ୪୦ତମ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମକ୍ରମେ ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ହୋଇଆସୁଥିବା ଏହି ଉତ୍ସବ ତାଙ୍କ ଦେହାନ୍ତ ପରେ ଗୋଟିଏ ବର୍ଷ ବନ୍ଦ ରହିଥିଲା। ଚଳିତ ବର୍ଷ ସ୍ୱର୍ଗତ ଲାବଣ୍ୟଙ୍କ ବଡପୁଅ ବଳଭଦ୍ର ଦାଶ ଓ ସାନପୁଅ ଶ୍ୟାମପ୍ରସାଦ ଦାଶଙ୍କ ଉଦ୍ୟମ କ୍ରମେ ଅରଙ୍ଗାବାଦସ୍ଥ ଶ୍ୟାମସୁନ୍ଦରଜୀଉଙ୍କ ପୁଷ୍କରିଣୀରେ ବୋଇତ ବନ୍ଦାଣ ଉତ୍ସବ ସହିତ ସାଂସ୍କୃତିକ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଗୋପାଳକୃଷ୍ଣ ମହାପାତ୍ର ଓ ସିନେ ତାରକା ସୁଶ୍ରୀ ସୁପ୍ରିୟା ନାୟକ ଯୋଗଦେଇ ଶ୍ୟାମସୁନ୍ଦରଜୀଉଙ୍କ ପବିତ୍ର ପୁଷ୍କରିଣୀରେ ବୋଇତ ବନ୍ଦାଣ କରି ଡଙ୍ଗା ଭାସାଇବା ସହ ଆୟୋଜିତ ସାଂସ୍କୃତିକ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପର ରମ୍ଭେଇଠାରେ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସ୍ୱପ୍ନେଶ୍ୱର ପୀଠସ୍ଥ ପୋଖରୀରେ ଅଷ୍ଟମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭବେ ଯୋଗଦେଇଥିଲେ।

## ରାହାସ ପୂର୍ଣ୍ଣିମା ଓ କାର୍ତ୍ତିକେଶ୍ୱର ପୂଜା

କବାଟବନ୍ଧ, ୧୫ ।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ, ଜେନାପୁର, ବୃନ୍ଦାଦେଇପୁର, ସାହାଣୀଡିହ, ଅଞ୍ଜିରା, କମାଗଡ଼, ଅଣ୍ଟିଆ, ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଳବା, ଚକ୍ରଧରପୁର ସମେତ ବିଭିନ୍ନ ପଞ୍ଚାୟତରେ ରାହାସ ପୂର୍ଣ୍ଣିମା ଓ କାର୍ତ୍ତିକେଶ୍ୱର ପୂଜା ଅନୁଷ୍ଠିତ ହୋଇଛି। ପଞ୍ଚୁକର ଶେଷ ଦିନ ଅବସରରେ ବିଭିନ୍ନ ଗ୍ରାମରେ ଶୁକ୍ରବାର ପୂର୍ଣ୍ଣିମା ଦିନ ଭୋର ସମୟରେ ଭୋଜିର ଆୟୋଜନ କରାଯାଇଥିଲା। ବୋଇତ ବନ୍ଦାଣ ପରମ୍ପରା ଅନୁଯାୟୀ ଗାଁ ଗାଁରେ ଲୋକମାନେ ନଦୀ, ନାଳ, ପୋଖରୀରେ ବୋଇତ ଭସାଇଥିଲେ। ଏ ଅବସରରେ ସ୍ଥାନୀୟ ଅଞ୍ଚଳର ଐତିହାସିକ ସ୍ଥାନ ବଳରାମ ଉପରଗଡ଼ରେ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



### କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣ ପ୍ରସଙ୍ଗ

# ରିପୋର୍ଟ ତଲବ କଲେ କଳିଙ୍ଗନଗର ଏଡିଏମ୍

ଯାଜପୁର, ୧୫ ।୧୧(ସମିସ)

ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ କାରଖାନା ପ୍ରତିଷ୍ଠା ଯୋଗୁଁ କଳ କାରଖାନାର ଧୂଆଁ ସହ ଦୂଷିତ ଜଳ ସ୍ଥାନୀୟ ବାସିନ୍ଦାଙ୍କୁ ଅସ୍ତବ୍ୟସ୍ତ କରିଛି। ଏଥିପାଇଁ କମ୍ ବୟସରେ ବାର୍ଦ୍ଧକ୍ୟ ସହ ଅକାଳରେ ଶହ ଶହ ଜୀବନ ଝରିପଡୁଛି। ଯାହାକୁ ନେଇ ସିଭିଲ ସୋସାଇଟ ଫୋରମ ପକ୍ଷରୁ କଳିଙ୍ଗନଗର ଏଡିଏମ ସପନ କୁମାର ନନ୍ଦଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ଏଡିଏମ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ତଲବ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା କାରଖାନା ଦିବାଲୋକରେ ପରିବେଶ ପ୍ରଦୂଷଣ କରୁଛନ୍ତି। ବିଭିନ୍ନ କାରଖାନା ପରିସରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗଣ୍ଡାନାଳ ଓ ବ୍ରାହ୍ମଣୀ ନଦୀରେ ମିଶୁଛି। ଏପରିକି କାରଖାନା କର୍ତ୍ତୃପକ୍ଷ ଖୋଲାରେ କୋଇଲା ଡମ୍ପ୍ କରି ପରିବେଶ ପ୍ରଦୂଷଣ କରୁଥିବା ସିଭିଲ ସୋସାଇଟି ଫୋରମର ଯାଜପୁର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ଯାହାକୁ ଆଧାର କରି ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗରଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୩୯୫୦ରେ ରିପୋର୍ଟ ତଲବ କରାଯାଇଛି। ଏଡିଏମ୍ ତାଙ୍କ ରିପୋର୍ଟରେ କଳିଙ୍ଗନଗର ଅଞ୍ଚଳରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଏକକିତା ନକଲ ସିଭିଲ ସୋସାଇଟ ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ର ଓ ଯାଜପୁର ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତି କରାଯାଇଥିବା ଜଣାପଡ଼ିଛି।

## ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ସୁକିନ୍ଦା, ୧୫ ।୧୧(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଆଜି ମଙ୍ଗଳପୁରଠାରେ ପାଳିତ ହୋଇଯାଇଛି। ଏ ଅବସରରେ ସୁକିନ୍ଦା ବ୍ଲକ ଦୁଧୁଯୋରି ପଞ୍ଚାୟତ ମଙ୍ଗଳପୁର ସ-ମିଲ ସାହିରେ ଥିବା ମହାନ ଆଦିବାସୀ ଜନନାୟକ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ। ଏହି କାର୍ଯ୍ୟକ୍ରମରେ ଦୁଧୁଯୋରି ପଞ୍ଚାୟତର ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଠାକୁରେଶ୍ୱର ମନ୍ଦିରରେ ବଡ଼ଓଷା

ଶଙ୍ଖଚିଲା, ୧୫ ।୧୧(ସମିସ): କୋରେଇ ବ୍ଲକ ଖମଣ ପଞ୍ଚାୟତ ଅନ୍ତର୍ଗତ ଶଙ୍ଖଚିଲା ଅଞ୍ଚଳର ବହୁ ପୁରାତନ ଠାକୁରେଶ୍ୱର ଶୈବ ପୀଠରେ ବଡ଼ଓଷା ପାଳନ କରାଯାଇଛି। ବଡ଼ଓଷା ନିମନ୍ତେ ପ୍ରାତଃ କାଳରୁ ଠାକୁରଙ୍କ ସ୍ନାନ ସହ ସକାଳ ଭୋଗ ପରେ ଭକ୍ତ ପ୍ରଭୁଙ୍କ ଦର୍ଶନ କରିଥିଲେ। ଠାକୁରେଶ୍ୱର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ନାମ ସଂକୀର୍ତ୍ତନ କରାଯିବା ସହିତ ବସିଥିବା ଭଣ୍ଡାର ଭୋଗକୁ ଭକ୍ତଙ୍କ ମଧ୍ୟରେ ବଣ୍ଟାଯାଇଥିଲା। ସେହିପରି ଗୋଡ଼ିପାଟଣା, ରାଧାନଗରପାଟଣା, ନାହାନ୍ଦା, ସୋଲପାଟ, ତଣ୍ଡରା, ତରାପୁର, ପହଙ୍ଗା, ଛୋଟରାୟପୁର ସମେତ ବିଭିନ୍ନ ଗ୍ରାମ ଶୈବ ପୀଠରେ ମଧ୍ୟ ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥିଲା।

## ଚନ୍ଦନେଶ୍ୱର ପୀଠରେ ପଞ୍ଚୁକ ପାଳିତ

କୁଆଖିଆ, ୧୫ ।୧୧(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ଡିହକୁରାଶସ୍ଥ ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚୁକ ପର୍ବ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ପ୍ରଭୁଙ୍କ ଷୋଡ଼ଶ ଉପଚାର ପୂଜା, ଆରତୀ, ଅବକାଶ ନୀତି ପରେ ଜଳ ନିଷ୍କାସନ ସେବା କରାଯାଇଥିଲା। ଏହାପରେ ବିଧି ଅନୁଯାୟୀ ପ୍ରଭୁଙ୍କ ଗଜରାଜ ବେଶ, ଗୋପାଳ ଗୋପାଳୁଣୀ ବେଶ, କେଳା କେଳୁଣୀ ବେଶ ଓ ସୁନା ବେଶ କରାଯାଇଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଆସି ପ୍ରଭୁଙ୍କ ଦର୍ଶନ କରିଥିଲେ। ଶୃଙ୍ଖଳାର ସହ ପର୍ବ ସମାପନ ହୋଇଥିବାରୁ ରାହାମ୍ବା ସରପଞ୍ଚଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ, ପୂଜକ, ଆଞ୍ଚଳିକ ସେବା ସଂଗଠନ ଓ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସଭାପତି କୈଳାସ ଚନ୍ଦ୍ର ରାଉତ କୃତଜ୍ଞତା ଜଣାଇଥିଲେ।

## ପୁରପଲ୍ଲୀରେ ବୋଇତ ବନ୍ଦାଣ ଉତ୍ସବ

ପାଣିକୋଇଲି, ୧୫ ।୧୧(ସମିସ): ପାଣିକୋଇଲିର ପୁରପଲ୍ଲୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ମା' ତାରିଣୀ ମନ୍ଦିରରେ ରାମଚରିତ ମାନସ ପରେ ଆଜି ଅଷ୍ଟପ୍ରହର ନାମଯଜ୍ଞ କରାଯାଇଛି। ପ୍ରତ୍ୟୁଷରୁ ସମସ୍ତ ପୋଖରୀ ଓ ଶୈବ ପୀଠରେ ଭିଡ ପରିଲିକ୍ଷିତ ହୋଇଥିଲା। ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରେ ସହସ୍ରାଧିକ ଭକ୍ତ ଡଙ୍ଗା ଭସାଇଥିଲେ। ପରେ ବାବା ଲିଙ୍ଗେଶ୍ୱର ଦର୍ଶନ କରିଥିଲେ। ପୂର୍ଣ୍ଣତୋୟା ବୈତରଣୀ ନଦୀପଠାରେ ବାଲିଯାତ୍ରା ଅନୁଷ୍ଠିତ ହେବ। ସେହିପରି ଅମୃତିଆ ଗ୍ରାମ ନଖୁଆ ପୋଖରୀଠାରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜିତ ହୋଇଥିଲା।

## ମିଶନ ଆଶ୍ରା ପକ୍ଷରୁ ବୋଇତ ବନ୍ଦାଣ

ସୁକିନ୍ଦା, ୧୫ ।୧୧(ସମିସ): ଅସହାୟ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ନେଇ ମିଶନ ଆଶ୍ରା ପକ୍ଷରୁ ସୁକିନ୍ଦା କଜଳେଇ ମନ୍ଦିର ନିକଟ ନାଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବେସରକାରୀ ସାମାଜିକ ସଂଗଠନ ମିଶନ ଆଶ୍ରାକୁ ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ରହିବା ଖାଇବା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ସଂଗଠନ ପକ୍ଷରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନ୍ତେବାସୀଙ୍କୁ ନେଇ ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କାର୍ତ୍ତିକେଶ୍ୱର ମହୋତ୍ସବ ପାଇଁ ଉତ୍ସବମୁଖର କର୍ଣ୍ଣଦାଣ୍ଡି

ମଙ୍ଗଳପୁର, ୧୫ ।୧୧(ସମିସ): ମଙ୍ଗଳପୁର ପଞ୍ଚାୟତସ୍ଥ କର୍ଣ୍ଣଦାଣ୍ଡି ଗ୍ରାମରେ ମାର୍ଗଶିର ମାସ ବିଛା ସଂକ୍ରାନ୍ତିଠାରୁ ୯ ଦିନ ବ୍ୟାପିଧରି ହେବାଥିବା ବାବା କାର୍ତ୍ତିକେଶ୍ୱର ମହୋତ୍ସବ ପାଇଁ କର୍ଣ୍ଣଦାଣ୍ଡି ଗ୍ରାମ ଏବେ ଉତ୍ସବମୁଖର ହୋଇ ଉଠିଛି। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି। ଗ୍ରାମରେ ବାବା କାର୍ତ୍ତିକେଶ୍ୱରଙ୍କ ମହୋତ୍ସବ ଚଳିତ ବର୍ଷ ୨୨୦ ବର୍ଷରେ ପଦାର୍ପଣ କରିବାକୁ ଥିବାବେଳେ ଶନିବାର ରାତିଠାରୁ ବାବା କାର୍ତ୍ତିକେଶ୍ୱର ପୂଜା ପାଇବେ। ଏଥିପାଇଁ ମୃଣ୍ମୟ ମୂର୍ତ୍ତି ନିର୍ମାଣ ଶେଷ ହୋଇଥିବାବେଳେ ଶେଷ ସ୍ପର୍ଶ ଅପେକ୍ଷାରେ ରହିଛି। ୯ ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ସାଜିବ ଯାତ୍ରା କଳିଙ୍ଗ କନ୍ୟା ବୋଲି ପୂଜା କମିଟିର ସଭାପତି ଦାମୋଦର ରାଉତ ଓ ସମ୍ପାଦକ ସୁବ୍ରତ କୁମାର ରାଉତ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ

କୟାଁଗୋଲା, ୧୫ ।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଓ ରାହାସ ପୂର୍ଣ୍ଣିମା ଅବସରରେ ଦଶରଥପୁର ବ୍ଲକର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଛି। ଅର୍ଦ୍ଧାଲୁଆ, ଦଉପୁର, ବିରିପଟା ଆଦି ସ୍ଥାନରେ ଏହା ଆୟୋଜିତ ହୋଇଛି। ବିରିପଟା ପଞ୍ଚାୟତ ଚନ୍ଦନ ଶ୍ରୀକ୍ଷେତ୍ର ବଡ଼ପୋଖରୀରେ ବୋଇତ ବନ୍ଦାଣ କରାଯାଇଥିଲା। ସେହିପରି କୟାଁଗୋଲାର ବୈତରଣୀ ନଦୀ ଘାଟ ନିକଟରେ ୨୧ତମ ବୋଇତ ବନ୍ଦାଣ ଉତ୍ସବ ସମାଜସେବୀ ମଳୟ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ବିଜୟ ଦାସ ଯୋଗ ଦେଇଥିଲେ। ବୈଦ୍ୟନାଥ ସାହାଣୀ, ସୁରେଶ ଚନ୍ଦ୍ର ରାୟ, ସମିତି ସଭ୍ୟ ରୋଶନ ଦାସ, ତିଲୋଚନ ମାଝୀ, ଭାଗୀରଥି ସାହୁ, ବୋଇତ ବନ୍ଦାଣ କମିଟି ସମ୍ପାଦକ ବାବାଜୀ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

